Downloaded From: http://www.dhyeyaias.com

CS (MAIN) Exam : 2017

**STH-C-ODA**

# ଓଡ଼ିଆ / ODIA

## (ବାଧ୍ୟତାମୂଳକ) / ( COMPULSORY )

| ସମୟ : ତିନି ଘଣ୍ଟା<br>Time Allowed : **Three Hours** | ପୂର୍ଣ୍ଣ ସଂଖ୍ୟା : **300**<br>Maximum Marks : **300** |
|---|---|

## ପ୍ରଶ୍ନପତ୍ର ସଂପର୍କିତ ନିର୍ଦ୍ଦେଶାବଳୀ

***ଉତ୍ତର ଦେବା ପୂର୍ବରୁ ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକଟି ନିର୍ଦ୍ଦେଶକୁ ଯତ୍ନର ସହିତ ପାଠ କର :***

*ପ୍ରତ୍ୟେକଟି ପ୍ରଶ୍ନର ଉତ୍ତର ଦେବାକୁ ହେବ ।*

*ପ୍ରତ୍ୟେକଟି ପ୍ରଶ୍ନ / ପ୍ରଶ୍ନାଂଶ ନିକଟରେ ଏହାର ନମ୍ବର ଦିଆଯାଇଛି ।*

*ଉତ୍ତର **ଓଡ଼ିଆରେ (ଓଡ଼ିଆ ଲିପି)** ବା ପ୍ରଶ୍ନର ନିର୍ଦ୍ଦେଶ ଅନୁସାରେ ହେବା ଆବଶ୍ୟକ ।*

*ପ୍ରଶ୍ନରେ ଯେଉଁଠି ଶବ୍ଦ ସଂଖ୍ୟାର ନିର୍ଦ୍ଦେଶ ରହିଛି ତାହା ପାଳନୀୟ । ଯଦି ପ୍ରଶ୍ନରେ ନିର୍ଦ୍ଦେଶିତ ଶବ୍ଦସଂଖ୍ୟାଠାରୁ ଉତ୍ତର ଯଥେଷ୍ଟ ବେଶି ବା କମ ହୁଏ ତେବେ ନମ୍ବର କମାଯାଇପାରେ ।*

*ପ୍ରଶ୍ନ–ଉତ୍ତର ପୁସ୍ତିକାର କୌଣସି ପୃଷ୍ଠା ବା ପୃଷ୍ଠାର କିଛି ଅଂଶ ଖାଲି ରହୁଥିଲେ ତାକୁ ଗାର ପକେଇ କାଟିଦେବା ଆବଶ୍ୟକ ।*

## Question Paper Specific Instructions

***Please read each of the following instructions carefully before attempting questions :***

*All questions are to be attempted.*

*The number of marks carried by a question / part is indicated against it.*

*Answers must be written in **ODIA (Odia script)** unless otherwise directed in the question.*

*Word limit in questions, wherever specified, should be adhered to and if answered in much longer or shorter than the prescribed length, marks may be deducted.*

*Any page or portion of the page left blank in the Question-cum-Answer Booklet must be clearly struck off.*



Downloaded From: http://www.dhyeyaias.com

Downloaded From: http://www.dhyeyaias.com

**Q1. ନିମ୍ନୋକ୍ତ ଯେ କୌଣସି ବିଷୟରେ ୬୦୦ ଶବ୍ଦ ମଧ୍ୟରେ ଏକ ପ୍ରବନ୍ଧ ଲେଖ :** *100*

(a) ପ୍ରଯୁକ୍ତି ବିଦ୍ୟାର ଅତ୍ୟାଧିକ ବ୍ୟବହାର ର ବିପଦ ।

(b) ଧର୍ମନିରପେକ୍ଷତା ହେଉଛି ଗଣତନ୍ତ୍ରର ଶକ୍ତି ।

(c) ବିମୁଦ୍ରୀକରଣ ର ଭାରତୀୟ ଅର୍ଥନୀତିରେ ସୁଦୂର ପ୍ରସାରୀ ପ୍ରଭାବ ।

(d) ପାଶ୍ଚାତ୍ୟ ଦେଶମାନଙ୍କ ଆୟୁର୍ବେଦ ବ୍ୟବସ୍ଥା ପ୍ରତି ଆକର୍ଷଣ ।

**Q2. ନିମ୍ନୋକ୍ତ ପରିଚ୍ଛେଦକୁ ପାଠକରି ଶେଷରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ପ୍ରଦାନ କର ।** *12×5=60*

ପୁସ୍ତକ ହେଉଛି ମସ୍ତିଷ୍କ ନିମନ୍ତେ ଉନ୍ନତ ଖାଦ୍ୟ । ଜଣେ ଦାର୍ଶନିକ କହିଛନ୍ତି ମନୁଷ୍ୟର ଚିନ୍ତା, କାର୍ଯ୍ୟକଳାପ ଓ ଅନ୍ୱେଷା ପୁସ୍ତକ ମଧ୍ୟରେ ସଂରକ୍ଷିତ ହୋଇରହିଥାଏ । ମାନବ ସଂସ୍କୃତି ଓ ସଭ୍ୟତାର ବିକାଶ ଓ ବ୍ୟାପ୍ତିର ଶ୍ରେୟ ପୁସ୍ତକକୁ ଦିଆଯାଇଥାଏ । ପୁସ୍ତକର ମହତ୍ୱ ଓ ଗୁରୁତ୍ୱ ଅତୁଳନୀୟ । ଅନ୍ତରାତ୍ମା ପୁସ୍ତକଦ୍ୱାରା ଆଲୋକିତ ହୋଇଥାଏ । ଉତ୍ତମ ପୁସ୍ତକ ମାନବକୁ ପଶୁତ୍ୱଠାରୁ ଦେବତ୍ୱ ଦିଗରେ ଅନୁପ୍ରେରିତ କରିଥାଏ । ଆପଣା ଭିତରେ ସାତ୍ତ୍ୱିକ ପ୍ରବୃତ୍ତି ଜାଗ୍ରତକରି ପଥଭ୍ରଷ୍ଟ ହେବାଦିଗରୁ କ୍ଷାନ୍ତ କରିବାସହ ଦେଶ ଓ ଜାତିକୁ ପଥ ପ୍ରଦର୍ଶନ କରିଥାଏ । ପୁସ୍ତକ ପ୍ରେରଣା ପ୍ରଦାନ କରିବାସହ ମନଉପରେ ଏକ ଦୀର୍ଘସ୍ଥାୟୀ ପ୍ରଭାବ ପକାଇଥାଏ ।

ପୁସ୍ତକ ମାନବନିମନ୍ତେ ମନୋରଂଜନର ଖୋରାକ ଯୋଗାଇଥାଏ । ଏଠାରେ ମନୋରଂଜନର ଅର୍ଥ କେବଳ ସାମୟିକ ବିକାସ ନୁହେଁ ବରଂ ଏହା ଗହନ ଅର୍ଥର ପ୍ରକାଶକ । ଯେଉଁ ପୁସ୍ତକ ପାଠକର ମାନଷଭୂମିରେ ଗଭୀର ରେଖାପାତକରି ହୃଦୟକୁ ଆପ୍ଲୁତ ଆକୃଷିତ କରିଥାଏ, ତାହା ଯଥାର୍ଥରେ ହେଉଛି ମନୋରଂଜନଧର୍ମୀ ପୁସ୍ତକ । ଯେଉଁ ପୁସ୍ତକ ପାଠକ କୁ ଗହନ ଅର୍ଥ ସ୍ତରକୁ ନିଏ, ତାହାହେଉଛି ଆହ୍ଲାଦଦାୟକ । ଏହି ଦୃଷ୍ଟିରୁ ମନୋରଂଜନଧର୍ମୀ ସାହିତ୍ୟର ଭୂମିକା କମ୍ ଗୁରୁତ୍ୱପୂର୍ଣ୍ଣନୁହେଁ । ଏହି ଧରଣର ସାହିତ୍ୟ ବହୁମାତ୍ରାରେ ବ୍ୟକ୍ତି-ଚିତ୍ତର ବିଷ୍ମୟତାକୁ ଦୂରକରି ବିଷଣ୍ଣ ପ୍ରାଣଶକ୍ତିକୁ ଉଜୀବିତ କରିଥାଏ ।



Downloaded From: http://www.dhyeyaias.com

Downloaded From: http://www.dhyeyaias.com

ଉତ୍ତମପୁସ୍ତକ ମଣିଷକୁ ଜ୍ଞାନ ଓ ଆହ୍ଲାଦ ପ୍ରଦାନ କରିଥାଏ । ବିଜ୍ଞାନ, ବାଣିଜ୍ୟ, କଳା ଓ ନ୍ୟାୟ ସଂପର୍କିତ ପୁସ୍ତକ ମାନବର ଜ୍ଞାନ ପରିସରକୁ ପ୍ରସାରିତ କରିଥାଏ । ଏସବୁର ପଠନ ଦ୍ୱାରା ମାନବର ଅନ୍ତଃଶକ୍ତି ଜାଗ୍ରତ ହୁଏ । ବାସ୍ତବିକ କହିବାକୁ ଗଲେ ପୁସ୍ତକ ହେଉଛି ଆମର ମାର୍ଗଦର୍ଶକ । ଏହା କେବଳ ନୂତନ ଦିଗନ୍ତର ସନ୍ଧାନ ଦିଏନାହିଁ କିମ୍ବା ରହସ୍ୟର ନିରାକରଣ କରେନାହିଁ । ଏହାଚିନ୍ତା ଓ ରୂପାନ୍ତରଣ ଦିଗରେ ଅନୁପ୍ରାଣୀତ କରିଥାଏ । ଗାନ୍ଧିଜୀ 'ଗୀତା' କୁ ନିଜର ମାତୃରୂପରେ ଅଭିହିତ କରିଥିଲେ । କାରଣ ଏହା ଜୀବନର ପ୍ରତ୍ୟେକ କଠିନ ସମସ୍ୟାର ସମାଧାନ ନିମନ୍ତେ ତାଙ୍କୁ ମାର୍ଗ ପ୍ରଦର୍ଶନ କରୁଥିଲା । ପୁସ୍ତକ ହେଉଛି ଏପରି ମାର୍ଗଦର୍ଶକ, ଯିଏ ବିନା ଦଣ୍ଡ, ବିନା କ୍ରୋଧରେ କୋଣସି ପ୍ରତିଦାନର ଆଶା ନରଖି ପ୍ରତିବଦଳରେ ବିନାଦ୍ୱିଧାରେ ଅମରତ୍ୱର ସନ୍ଧାନ ଦେଇଥାଏ ।

ମାନବକୁ ପୁସ୍ତକ ଆନନ୍ଦ ଓ ପ୍ରଶାନ୍ତି ଦେଇଥାଏ । ପୁସ୍ତକ ପ୍ରେମୀ ହେଉଛି ଜଣେ ଭାଗ୍ୟବାନ ମଣିଷ । ସେ କୌଣସି ଚାପରେ ପଡ଼ି ଶୁନ୍ୟତା ଅନୁଭବ କରେ ନାହିଁ । ପୁସ୍ତକ ଉପରେ ସଂପୂର୍ଣ୍ଣ ଆସ୍ଥା ସ୍ଥାପନ କରାଯାଇପାରେ ।

ବିଚାର ଯୁଦ୍ଧରେ ପୁସ୍ତକ ହେଉଛି ଶ୍ରେଷ୍ଠ ଆୟୁଧ । ପୁସ୍ତକ ମଧ୍ୟରେ ସମାହିତ ଚିନ୍ତାଧାରା ସାମାଜିକ ଅଭ୍ୟୁଦୟର ସମ୍ଭାବନା ରଖିଥାଏ । ସାଂପ୍ରତିକ ବିଶ୍ୱହେଉଛି ବିଚାରର ବିମ୍ବ । ସମସ୍ତ ସାମାଜିକ ପରିବର୍ତ୍ତନ ଓ ସଂଗ୍ରାମ ର ମୂଳସୂତ୍ର ହେଉଛି ଆଦର୍ଶ । ଭଲପୁସ୍ତକ ବ୍ୟକ୍ତି ଚେତନାର ଅଭ୍ୟୁଦୟ ଏବଂ ସର୍ବଜନମନ ଜାଗରଣ ଦୀଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ପୁସ୍ତକଦ୍ୱାରା ଚେତନାହୁଏ ପ୍ରସାରିତ । ଏହାଦ୍ୱାରା ସଚେତନାର ଅନୁପ୍ରବେଶ ଘଟିଥାଏ ।

ପୁସ୍ତକ ଚିରନ୍ତନ ସଂପଦ ରୂପେ ଅନୁଭବର ମହନୀୟ ପୁଞ୍ଜିକୁ ଆଧାର କରି ଗତଂଗୁଧାରା ଠାରୁ ଆଗାମୀ ଧାରାକୁ ପ୍ରସାରଣର ମାର୍ଗ ଉନ୍ମୋଚିତ କରିଥାଏ । ପୁସ୍ତକରେ ସମାହିତ ଜ୍ଞାନକୁ କେହି ଧ୍ୱଂସ କରିବା ସମ୍ଭବପର ନୁହେଁ । ସଂକ୍ଷେପରେ, ପୁସ୍ତକ ଅତୁଳନୀୟ ମୂଲ୍ୟବୋଧର ବାହକ ।



Downloaded From: http://www.dhyeyaias.com

Downloaded From: http://www.dhyeyaias.com

(a) ପୁସ୍ତକ କାହିଁକି ଅପରିସୀମ ମୂଲ୍ୟବୋଧର ବାହକ ? 12

(b) 'ପୁନଃସଂରଚନାର ଅର୍ଥ ହେଉଛି ଅନିର୍ବଚନୀୟ' – ଏହା ମାଧ୍ୟମରେ ଲେଖକ କଣ କହିବାକୁ ଚାହିଁଛନ୍ତି ? 12

(c) ପୁସ୍ତକ କାହିଁକି ଶ୍ରେଷ୍ଠ ମାର୍ଗଦର୍ଶକ ? 12

(d) ଗାନ୍ଧୀଜୀ 'ଗୀତା' କୁ କାହିଁକି ମା ରୂପେ ଅଭିହିତ କରିଥିଲେ ? 12

(e) ପୁସ୍ତକ କିପରି ଏକ ସମାଜିକ ଜାଗରଣ ସୃଷ୍ଟି କରିଥାଏ ? 12

**Q3. ନିମ୍ନଲିଖିତ ଗଦ୍ୟାଂଶଟିର ସଂକ୍ଷିପ୍ତସାର ଏକ–ତୃତୀୟାଂଶ ଶବ୍ଦ ମଧ୍ୟରେ ଲେଖ । ଏହି ଗଦ୍ୟର ଏକ ନାମଦେବା ଅନାବଶ୍ୟକ । ସାରାଂଶଟିକୁ ନିଜ ଭାଷାରେ ଲେଖ ।** 60

କଠିନକର୍ମ ସଫଳତାର ମୂଳଆଧାର ଭାବରେ ସମଗ୍ର ବିଶ୍ୱରେ ସ୍ୱୀକୃତ । ଆମର ଲକ୍ଷ୍ୟସାଧନ କଠିନ ପରିଶ୍ରମ ମାଧ୍ୟମରେ ସମ୍ଭବ ହୋଇଥାଏ । ଏହି ଶବ୍ଦ ର ମୂଳଲକ୍ଷ୍ୟ ହେଲା କର୍ମ । ତେଣୁ ନିଜର କର୍ମସାଧନ ହେଉଛି ଆମର କର୍ତ୍ତବ୍ୟ । କଠିନ ପରିଶ୍ରମ ମାଧ୍ୟମରେ ସଫଳତା ଲାଭ କରିବା ସମ୍ଭବପର ।

ଜୀବନକୁ ଗତିଶୀଳ କରିଥାଏ କଠିନ ପରିଶ୍ରମ । କର୍ମପ୍ରତି ବିମୁଖ ହେଲେ ଜୀବନ ସ୍ଥିର ହୋଇଯାଏ । ଅକର୍ମଣ୍ୟତା ଆମକୁ ଏପରି ଅବରୁଦ୍ଧ କରିନିଏ ଯେ, ଏଥିରୁ ମୁକ୍ତିପାଇବା କଠିନ ହୋଇପଡ଼େ । ଅନ୍ୟପକ୍ଷରେ ପରିଶ୍ରମୀ ବ୍ୟକ୍ତି ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମକରି ଅଗ୍ରଗତିର ପଥରେ ଗତିକରି ବହୁମୁଖୀ ସଫଳତା ଲାଭ କରିଥାଏ । କଠିନ ପରିଶ୍ରମୀ ମଣିଷ ଭାଗ୍ୟର ସହାୟତା ନ ନେଇ ନିରନ୍ତର କଷ୍ଟପାଇବା ସତ୍ତ୍ୱେ ଅଗ୍ରଗତି କରିଥାଏ । କଠିନ ପରିଶ୍ରମସତ୍ତ୍ୱେ ଅସଫଳ ହେଲେମଧ୍ୟ ଦୁଃଖୀ ହୁଏ ନାହିଁ । ସେ ଅସଫଳତାର କାରଣ ସନ୍ଧାନ ଦିଗରେ ଯତ୍ନଶୀଳ ହୁଏ । ସଫଳତା ପଥରେ ରହିଥିବା ଅସାମାର୍ଥ୍ୟକୁ ଅତିକ୍ରମକରି ସଫଳତାକୁ ସ୍ପର୍ଶକରିଥାଏ ।



Downloaded From: http://www.dhyeyaias.com

Downloaded From: http://www.dhyeyaias.com

ଏହି ସଂସାରରେ ଆମକୁ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷକରି ମାର୍ଗ ନିରୂପଣ କରିବାକୁ ପଡ଼ିଥାଏ । ଆମେ ଯେତେ ଶକ୍ତି ଓ ସମ୍ବଳର ଅଧିକାରୀ ହେଲେ ମଧ୍ୟ କଠିନ ପରିଶ୍ରମ ବ୍ୟତୀତ ସଫଳହେବା ସମ୍ଭବପର ନୁହେଁ । ସମସ୍ତ ମହାପୁରୁଷ ମାନଙ୍କ ସଫଳତାର ମୂଳସୂତ୍ର ହେଉଛି କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ।

ଆମ ସମାଜର ବହୁବ୍ୟକ୍ତି ହେଉଛନ୍ତି ଲକ୍ଷ୍ୟରହିତ ତଥା ଭାଗ୍ୟବାଦୀ । ଏମାନେ ସାମାଜିକ ପ୍ରଗତିର ମୁଖ୍ୟ ପ୍ରତିବଂଧକ । କୌଣସି ଭାଗ୍ୟବାଦୀ ବ୍ୟକ୍ତି କୌଣସି ବିରାଟ ସଫଳତା ଏ ବିଶ୍ୱରେ ଲାଭ କରିନାହାନ୍ତି । ସମସ୍ତ ଉଦ୍ଭାବନ, ଆବିଷ୍କାର ଓ ସର୍ଜନା ଅନ୍ତର୍ଗତରେ କଠିନ କର୍ମ ର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମର ସାଧନ ଓ ପ୍ରତିଷ୍ଠା ଆମକୁ କେବଳ ପ୍ରେରଣା ପ୍ରଦାନ କରି ଥାଏ, କିନ୍ତୁ ଆମର ଲକ୍ଷ୍ୟ ସାଧନ କେବଳ କଠିନଶ୍ରମ ଦ୍ୱାରା ହିଁ ସମ୍ଭବ ।

ଆମେ ଉଭୟ ସୌଭାଗ୍ୟ ଓ ସ୍ୱୀକୃତି କଠିନଶ୍ରମ ଦ୍ୱାରା ହିଁ ଅର୍ଜନ କରି ଥାଉ । ଆମେ ଆମର କର୍ତ୍ତବ୍ୟ ସଂପାଦନ ନିମନ୍ତେ ଯେଉଁ କଠିନ ପରିଶ୍ରମ କରୁ, ତାହା ଆମକୁ ଗଭୀର ପରିତୃପ୍ତି ପ୍ରଦାନ କରିଥାଏ । ଅନ୍ତରରେ ଥିବା ପାପ ବର୍ହିଗତ ହୁଏ ଏବଂ ଗଭ୍ୟ ଆତ୍ମସନ୍ତୋଷ ଅନୁଭବ କରିଥାଉ । ପରିଶ୍ରମୀ ମଣିଷ ନିମନ୍ତେ କୌଣସି ରୀତି ମହତ୍ତ୍ୱ ପୂର୍ଣ୍ଣନୁହେଁ । ତାହାର ଅଭିମୁଖ୍ୟ ହେଉଛି କର୍ତ୍ତବ୍ୟ ଦିଗରେ ଗତି କରିବା । ପ୍ରତ୍ୟେକ ଦିନର କଠିନ ପରିଶ୍ରମ ପରେ ଯେତେବେଳେ ଆନନ୍ଦରେ ଜଣେ କୃଷକ ଲୋକଗୀତ ନିଜ କୁଡ଼ିଆରେ ସଂନ୍ଧ୍ୟାସମୟରେ ଗାନ କରେ ତାହା ସ୍ୱର୍ଗୀୟ ସଂଗୀତ ରେ ପରିଣତ ହୋଇଯାଏ ।

ଶାରିରୀକ ଶ୍ରମ ବ୍ୟକ୍ତିକୁ ସନ୍ତୋଷ ପ୍ରଦାନ ସହ ଶରୀରକୁ ସୁସ୍ଥ ରଖିଥାଏ । ସଂପ୍ରତି ମଣିଷ ବିଭିନ୍ନ ପ୍ରକାର ଶାରିରୀକ ସମସ୍ୟା ନିଜର କର୍ମବିମୁଖତା ହେତୁ ସମ୍ମୁଖିନ ହୋଇଥାନ୍ତି । ଶରୀରଶ୍ରମ ସମସ୍ତ ଙ୍କ ନିମନ୍ତେ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା


Downloaded From: http://www.dhyeyaias.com

Downloaded From: http://www.dhyeyaias.com

କହିବା ନିଷ୍ପ୍ରୟୋଜନ, କଠିନ ପରିଶ୍ରମ କରୁଥିବା ବ୍ୟକ୍ତି ଦୀର୍ଘଜୀବି ହୋଇଥାନ୍ତି । କୁହାଯାଏ – ଏକ ସୁସ୍ଥମନ ଏକ ସୁସ୍ଥଶରୀରରେ ଅବସ୍ଥାନ କରିଥାଏ । ଏକ ସୁସ୍ଥ ବ୍ୟକ୍ତି ଯେକୌଣସି କଠିନ ଘଟଣାକୁ ସହଜରେ ଗ୍ରହଣ କରିଥାଏ । କୌଣସି କଠିନ ସମୟରେ ବିଚଳିତ ହୁଏ ନାହିଁ, ବରଂ ସାହାସର ସହ ତାହାର ସମ୍ମୁଖିନ ହୋଇଥାଏ । ତା ନିକଟରେ ସମସ୍ତ ସମସ୍ୟାର ସମାଧାନ ପନ୍ଥା ରହିଥାଏ । ମାନସିକ ଶ୍ରମର ମହତ୍ତ୍ୱକୁ ଅନୁଭବ କରି ଆମର ଋଷିମାନେ ଧ୍ୟାନମଗ୍ନ ରହିବାସହ ଜନକଲ୍ୟାଣ ସାଧନ କରିପାରିଥିଲେ ।

କଠିନଶ୍ରମର ଏକ ବିଶିଷ୍ଟ ଅର୍ଥ ରହିଛି । ଗୋଟିଏ ଦୃଷ୍ଟିରୁ ଏହା ଉତ୍ପାଦକ ଓ ଅଣଉତ୍ପାଦକ ମଧ୍ୟ । କୃଷକ ନିଜର କୃଷିକ୍ଷେତ୍ରରେ କଠିନ ପରିଶ୍ରମ କରିଥାଏ । ଏହାକୁ ଉତ୍ପାଦନ ଶ୍ରମ କୁହାଯାଏ । ଅନ୍ୟପକ୍ଷରେ ଖେଳକୁଦ କିମ୍ବା ବ୍ୟାୟାମ ନିମନ୍ତେ କରାଯାଉଥିବା ଶ୍ରମକୁ ଅଣଉତ୍ପାଦକ ଶ୍ରମ କୁହାଯାଇପାରେ । ତଥାପି ଏ କାର୍ଯ୍ୟର ଗୁରୁତ୍ୱ ରହିଛି । ଗାନ୍ଧିଜୀ କହିଛନ୍ତି – ଯଦି ଆମକୁ କାର୍ଯ୍ୟ କରିବାକୁ ହେବ, ତେବେ ଆମେ ଉତ୍ପାଦନକ୍ଷମ କାର୍ଯ୍ୟ ହାତକୁ ନେବାକଥା । ଏହି ପଦ୍ଧତିରେ ଗାନ୍ଧିଜୀ ଯେ କୌଣସି କାର୍ଯ୍ୟକରି ଆନନ୍ଦଲାଭ କରୁଥିଲେ ।

ଯେଉଁମାନଙ୍କର ପରବର୍ତ୍ତି କ୍ଷତି କଠିନ ପରିଶ୍ରମ କରନ୍ତି, ସେଇମାନେହିଁ କାର୍ଯ୍ୟରେ ପ୍ରଗତିର ଆନନ୍ଦଲାଭ କରିଥାନ୍ତି । ବିଶ୍ୱଯୁଦ୍ଧର ଭୟାବହ ପରିଣତି ପରେ ଜାପାନ ଓ ଜର୍ମାନୀ ସେମାନଙ୍କ କଠିନ ପରିଶ୍ରମ ଦ୍ୱାରା ନିଜଦେଶର ପୁନଃଗଠନ କରିପାରିଥିଲେ ।

ଶେଷରେ ଏତିକି କୁହାଯାଇପାରେ ଯେ, କଠିନ ପରିଶ୍ରମ ହିଁ ଜୀବନର ପ୍ରକୃତ ଆନନ୍ଦ ଏବଂ ସବୁ ସୃଷ୍ଟିର ମୂଳ ।

(ଶବ୍ଦ ୪୮୪)



Downloaded From: http://www.dhyeyaias.com

Downloaded From: http://www.dhyeyaias.com

**Q4. ନିମ୍ନ ପରିଚ୍ଛେଦଟିକୁ ଇଂରାଜୀରେ ଅନୁବାଦ କର : 20**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରାଜର୍ଷି ପୁରୁଷୋତ୍ତମଦାସ ଟଣ୍ଡନ 1919 ମସିହାରେ ଆହ୍ଲାବାଦ ମ୍ୟୁନିସପାଲିଟିର ଅଧ୍ୟକ୍ଷ ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ତା'ହା ତାଙ୍କ ପାଇଁ ଏକ ବିଷମ ପରିସ୍ଥିତି ସୃଷ୍ଟି କରିଥିଲା । ଯଦିଓ, ସେ ଅଧ୍ୟକ୍ଷ ଭାବରେ ଯୋଗଦେଇଥିଲେ; ଇଂରେଜମାନଙ୍କର ଆଧିପତ୍ୟ ତଥା ପ୍ରଭାବଯୋଗୁଁ ସାଧାରଣ ଭାରତୀୟ ଙ୍କୁ ସେମାନଙ୍କ ମଧ୍ୟରେ କାମକରିବା ସହଜ ନ ଥିଲା । କାର୍ଯ୍ୟଭାର ଗ୍ରହଣ କରିବା ପରେ ସେ ଜାଣିଲେ ଯେ ମିଲିଟାରୀ କ୍ୟାଣ୍ଟନ ମେଣ୍ଟର ଲୋକେ ଜଳକର ନଦେଇ ଜଳଯୋଗାଣର ସୁବିଧା ନେଉଛନ୍ତି । ସେ ମିଲିଟାରୀ କ୍ୟାଣ୍ଟନମେଣ୍ଟକୁ ନୋଟିସ ଜାରିକରି ଜଣାଇଲେ ଯେ, ଇଂରେଜମାନେ ଗୋଟିଏ ମାସ ଭିତରେ ଜଳକର ନ ଦେଲେ ଜଳଯୋଗାଣ ସୁବିଧା କୁ ବାତିଲ କରି ନିଆଯିବ ।

ଉକ୍ତ ନୋଟିସଟି କ୍ୟାଣ୍ଟନମେଣ୍ଟ ତଥା ସମଗ୍ର ସହର ଓ ମ୍ୟୁନିସିପାଲିଟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟିକରିଥିଲା । ସ୍ଥାନୀୟ ଖବରକାଗଜରେ ଟଣ୍ଡନ ଙ୍କ ଏହି ଅଧ୍ୟାଦେଶ ବିଶେଷ ଭାବରେ ପ୍ରକାଶ ପାଇଥିଲା । ମାସର ଶେଷ ଦିନରେ ଅନେକ ମିଲିଟାରୀ ଅଫିସର ଜଳଯୋଗାଣ ଅବ୍ୟାହତ ରଖିବାପାଇଁ ମ୍ୟୁନିସିପାଲଟି ବୋର୍ଡ ଅଫିସ ରେ ପହଞ୍ଚିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଉଚ୍ଚ ପଦାଧିକାରୀ ଟଣ୍ଡନଙ୍କୁ କହିଲେ ଯେ, ସେ କ୍ୟାଣ୍ଟନମେଣ୍ଟକୁ ଜଳଯୋଗାଣ ବନ୍ଦ କରିପାରିବେ ନାହିଁ । ଟଣ୍ଡନ ଅତି ନମ୍ର ଭାବରେ କହିଥିଲେ — ଯଦି ଜଳକର ଜମା ନ କରା ଯାଏ ତେବେ ସେମାନଙ୍କ ପାଇଁ ଜଳ ଯୋଗାଣ ବନ୍ଦକରିଦିଆଯିବ ।

ଅଫିସର ଜଣକ ଖୁବ୍ ଯୋରରେ ଚିତ୍କାର କରିଉଠିଲେ, କିନ୍ତୁ ଟଣ୍ଡନ ପୂର୍ବଭଳି ଦୃଢହୋଇରହିଲେ । ଶେଷରେ ସେ ମିଲିଟାରୀ ଅଫିସର ଚାଲିଗଲେ । ସାରା ଅଫିସ ରେ ଚହଳ ପଡ଼ିଗଲା । ଟଣ୍ଡନଙ୍କର ଦୃଢ଼ତା ତଥା ଶାନ୍ତସ୍ୱଭାବ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ ।

ପରଦିନ କ୍ୟାଣ୍ଟନମେଣ୍ଟ ର ମିଲିଟାରୀ ଅଫିସର କରଜମା ଦେଇଥିଲେ ।



Downloaded From: http://www.dhyeyaias.com

Downloaded From: http://www.dhyeyaias.com

**Q5. ଓଡ଼ିଆ ରେ ଅନୁବାଦ କର :** *20*

In ancient times in most civilized countries, for example, in Egypt, Iraq, India, China and in the Roman Empire, many great irrigation works were constructed. In very hot countries water is even carried in underground channels to prevent it from being evaporated by the sun's heat. In modern times, great dams have been built across rivers and these are used for more than one purpose, hence they are called multipurpose undertakings. Firstly, such dams help to prevent floods, by controlling the amount of water which rushes down a river in the rainy season. This also prevents an enormous amount of damage and loss to farmers. Secondly, by storing up great quantities of water in the artificial lakes behind the dams, irrigation can be provided for many acres of land in the dry season, so that crops can be grown where none would have grown before. Thirdly, the people in the towns and cities in the neighbourhood can be certain of getting a sufficient supply of water for drinking and other purposes, even in the driest weather. Fourthly, the water stored up behind the dams is made to generate electric power by letting it run through turbines.

**Q6. ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।** *40*

(a) **ବ୍ୟାସବାକ୍ୟ ସହ ସମାସର ନାମ ଲେଖ ।** *2×4=8*

(i) ତନ୍ତରେ ବୁଣା *2*

(ii) ସଜଫୁଲ *2*

(iii) ଲାଭକ୍ଷତି *2*

(iv) ତ୍ରିଫଳା *2*



Downloaded From: http://www.dhyeyaias.com

Downloaded From: http://www.dhyeyaias.com

**(b)** ନିମ୍ନ ପ୍ରୟୋଗ ଗୁଡ଼ିକର ବିଶେଷ ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର । *2×4=8*

(i) ଅରଣ୍ୟ ରୋଦନ *2*

(ii) ଅଗ୍ନିଶର୍ମା ହେବା *2*

(iii) କୁମ୍ଭୀର କାନ୍ଦଣା *2*

(iv) ଦୀପତଳ ଅନ୍ଧାର *2*

**(c)** ସନ୍ଧି ବିଚ୍ଛେଦ କର । *2×4=8*

(i) ଗଣେନ୍ଦ୍ର *2*

(ii) ବିଚ୍ଛେଦ *2*

(iii) ନୟନ *2*

(iv) ନିଶ୍ଚୟ *2*

**(d)** ଭ୍ରମ ସଂଶୋଧନ କର । *2×4=8*

(i) ଅଳିକ *2*

(ii) ଊର୍ମୀ *2*

(iii) ନଗନ୍ୟ *2*

(iv) ଭୂବନ *2*

**(e)** ବିଶେଷ୍ୟକୁ ବିଶେଷଣରେ ଓ ବିଶେଷଣକୁ ବିଶେଷ୍ୟ ପଦରେ ପରିଣତ କର । *2×4=8*

(i) ପ୍ରେରଣା *2*

(ii) କଳଙ୍କ *2*

(iii) ନମ୍ରତା *2*

(iv) ନିରାଶ *2*



Downloaded From: http://www.dhyeyaias.com

Downloaded From: http://www.dhyeyaias.com

Downloaded From: http://www.dhyeyaias.com